ଏ. ନାଦମୁନି ଏବଂ ଅନ୍ୟମାନେ

*ବନାମ*

ଦି ପ୍ରୋହିବିସନ ଆଣ୍ଡ ଏକ୍ସାଇଜ କମିଶନର,

ନାମପଲ୍ଲୀ, ହାଇଦ୍ରାବାଦ ଏବଂ ଅନ୍ୟମାନେ

ଜାନୁଆରୀ 13, 1997

[କେ. ରାମସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ର ପ୍ରଦେଶ ସମବାୟ ସମିତି ଅଧିନିୟମ, 1964: ଧାରା 19 ଏବଂ 21 - ତାଡି ସଂଗ୍ରହକାରୀ ସମବାୟ ସମିତି - ଅବକାରୀ ଅଧୀକ୍ଷକ - ସମବାୟ ସମିତିର ରେଜିଷ୍ଟ୍ରାର ମଧ - ସଦସ୍ୟମାନଙ୍କୁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା - ନିୟମ ଅନୁଯାୟୀ ତାଡି ସଂଗ୍ରହକାରୀ ସମବାୟ ସମିତିରେ ଏପରି ସଦସ୍ୟ ରହିବା ଆବଶ୍ୟକ ଯେଉଁମାନେ ବାସ୍ତବରେ ଏବଂ ପ୍ରକୃତରେ ମୁଖ୍ୟ ବୃତ୍ତି ଭାବରେ ତାଡି ସଂଗ୍ରହ କରନ୍ତି - ଆବେଦନକାରୀଙ୍କ ସଦସ୍ୟତାକୁ ଆପତ୍ତି କରି ଆବେଦନ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ - ଆବେଦନକାରୀମାନେ ସଂଗ୍ରହକାରୀ ନୁହଁନ୍ତି ବୋଲି ସକ୍ଷମ କର୍ତ୍ତୃପକ୍ଷ ସିଦ୍ଧାନ୍ତ କରିଥିଲେ - ସଦସ୍ୟତାରୁ ଆନୁଷଙ୍ଗିକ ଅପସାରଣ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି ସୁନିଶ୍ଚିତ କରାଯାଇଥିଲା - ସେମାନଙ୍କୁ ସମିତିର ସଦସ୍ୟତାରୁ ହଟାଇବା ପାଇଁ ରେଜିଷ୍ଟ୍ରାର (ଅବକାରୀ ଅଧୀକ୍ଷକ) ଙ୍କ କୌଣସି କ୍ଷମତା ନାହିଁ ବୋଲି ଯୁକ୍ତିର ପ୍ରତ୍ୟାଖ୍ୟାନ - ନିର୍ଣ୍ଣୟ କରାଯାଇଥିଲା, ସମିତିର ସଦସ୍ୟମାନଙ୍କ ପ୍ରବେଶ ପ୍ରସଙ୍ଗରେ ଧାରା 19 ଅନୁଯାୟୀ କ୍ଷମତାକୁ ଅବକାରୀ ଅଧୀକ୍ଷକଙ୍କୁ ନ୍ୟସ୍ତ କରାଯାଇଥିଲା - ଫଳସ୍ୱରୂପ, ଏହା ଆବଶ୍ୟକ ନୁହେଁ ଯେ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଅବକାରୀ ଅଧୀକ୍ଷକଙ୍କୁ ଧାରା 21 ଅନୁଯାୟୀ ରେଜିଷ୍ଟ୍ରାରଙ୍କ ଏକ ସ୍ପଷ୍ଟ ପୃଥକ କ୍ଷମତା ପ୍ରଦାନ କରାଯିବା ଉଚିତ୍ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତରେ କୌଣସି ଆଇନଗତ ତ୍ରୁଟି ନାହିଁ, ଯାହାକି ହସ୍ତକ୍ଷେପର ଆବଶ୍ୟକ କରେ ।*

ଦେୱାନୀ ଅପିଲୀୟ ଅଧିକାରିତା: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 25281/1996 ।

W.A. ସଂଖ୍ୟା 1437/1996 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 13.12.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏଲ୍. ଏନ୍. ରାଓ, ଏସ୍. ୟୁ. କେ. ସାଗର ଏବଂ ଭି. ଏସ୍. ରେଡ୍ଡୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆଜ୍ଞାଦେଶ ଆବେଦନ ସଂଖ୍ୟା 11385/96 ରେ 4 ଡିସେମ୍ବର, 1996 ତାରିଖର ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ସୁନିଶ୍ଚିତ କରି ଆଜ୍ଞାଦେଶ ଅପିଲ ସଂଖ୍ୟା 1437/96 ରେ 13 ଡିସେମ୍ବର, 1996 ତାରିଖରେ ପ୍ରଦାନ କରାଯାଇଥିବା ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ଆଦେଶ ବିରୁଦ୍ଧରେ ଏହି ବିଶେଷ ଅନୁମତି ଆବେଦନ ଦାଖଲ କରାଯାଇଛି ।

ଆମ ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି: ଆନ୍ଧ୍ର ପ୍ରଦେଶ ସମବାୟ ସମିତି ଅଧିନିୟମ, 1964 (ସଂକ୍ଷେପରେ, 'ଅଧିନିୟମ') ର କେତେକ ଉଦ୍ଦେଶ୍ୟ ପାଇଁ ରେଜିଷ୍ଟ୍ରାର ଥିବା ଅବକାରୀ ଅଧୀକ୍ଷକଙ୍କର ଶ୍ରୀକଳାହସ୍ତି ତାଡି ସଂଗ୍ରହକରି ସମବାୟ ସମିତିର ଜଣେ ବିଦ୍ୟମାନ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବାର କ୍ଷମତା ଅଛି କି ? ଅବକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଣ୍ଟିତ ତାଳ ଗଛରୁ ତାଡି ସଂଗ୍ରହ ଦ୍ୱାରା ଜୀବିକା ନିର୍ବାହର ସାଧନ ପ୍ରଦାନ କରି ତାଡି ସଂଗ୍ରହକାରୀ ମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସମିତିର ଉଦ୍ଦେଶ୍ୟ ଅଟେ । ଏହି ଅଧିନିୟମର ବ୍ୟବସ୍ଥା, ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ ଏବଂ ସମିତିର ଉପ-ନିୟମ ସଦସ୍ୟଙ୍କ ଅନ୍ତର୍ଭୁକ୍ତିକୁ ନିୟନ୍ତ୍ରଣ କରେ । ତାଡି ସଂଗ୍ରହକାରୀ ସମବାୟ ସମିତି ଏପରି ସଦସ୍ୟମାନଙ୍କୁ ନେଇ ଗଠିତ ହେବା ଆବଶ୍ୟକ ଯେଉଁମାନେ ବାସ୍ତବରେ ଏବଂ ପ୍ରକୃତରେ ମୁଖ୍ୟ ବୃତ୍ତି ଭାବରେ ତାଡି ସଂଗ୍ରହ କରନ୍ତି ଏବଂ ସେମାନଙ୍କର ଜୀବିକା ଉତ୍ସ ଭାବରେ ତାଡି ସଂଗ୍ରହ ପାଇଁ ସେମାନଙ୍କୁ ଖଜୁରୀ ଗଛ ଆବଣ୍ଟିତ କରାଯାଇଛି । ଜଣେ ସଦସ୍ୟଙ୍କ ନିର୍ଦ୍ଦେଶରେ ଅଣ-ତାଡି ସଂଗ୍ରହକାରୀମାନଙ୍କୁ ଭର୍ତ୍ତି କରାଯାଇଥିଲା ଏବଂ ସେମାନେ ସମିତିର ସଦସ୍ୟ ଅଟନ୍ତି ବୋଲି ଏକ ଅଭିଯୋଗ ଉପରେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ତାଡି ସଂଗ୍ରହ ପରୀକ୍ଷା କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ, ସକ୍ଷମ ଅଧିକାରୀମାନେ ସେହି ଉଦ୍ଦେଶ୍ୟରେ ସେହି ପରିଚାଳନା କରିଥିଲେ । କର୍ତ୍ତୃପକ୍ଷ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଆବେଦନକାରୀମାନେ ତାଡି ସଂଗ୍ରହକାରୀ ନଥିଲେ କାରଣ ସେମାନେ ତାଡି ସଂଗ୍ରହ ଅଭିଜ୍ଞତା ଇତ୍ୟାଦି ସର୍ତ୍ତ ପୂରଣ କରିନଥିଲେ ଏବଂ ତଦନୁସାରେ ତାଙ୍କୁ ସଦସ୍ୟତାରୁ

ହଟାଇ ଦିଆଯାଇଥିଲା ଯେଉଁ ନିର୍ଣ୍ଣୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ ଏବଂ ଅପିଲରେ ମଧ୍ୟ ସୁନିଶ୍ଚିତ ହୋଇଥିଲା ।

ଏହା ଯୁକ୍ତି କରାଯାଇଥିଲା ଯେ ରେଜିଷ୍ଟ୍ରାର (ଅବକାରୀ ଅଧୀକ୍ଷକ) ଙ୍କ ପାଖରେ ସେମାନଙ୍କୁ ସମିତିର ସଦସ୍ୟତାରୁ ହଟାଇବା ପାଇଁ କୌଣସି କ୍ଷମତା ନାହିଁ । ଆବେଦନକାରୀମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀ ଏଲ୍. ଏନ୍. ରାଓଙ୍କ ଦ୍ୱାରା ଦୋହରାଯାଇଥିବା ତଥା ଉଚ୍ଚ ନ୍ୟାୟାଳୟରେ ଉତ୍ଥାପିତ ପ୍ରାଥମିକ ଯୁକ୍ତି ହେଉଛି ଯେ ସମିତିର ସଦସ୍ୟମାନଙ୍କ ଅନ୍ତର୍ଭୁକ୍ତି ପ୍ରସଙ୍ଗରେ ଧାରା 19 ଅନୁଯାୟୀ କ୍ଷମତା ଅବକାରୀ ଅଧୀକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ, ଧାରା 21 ଅନୁଯାୟୀ କ୍ଷମତାକୁ, ଯଥା, ସମିତିର ସଦସ୍ୟ ହେବା ପାଇଁ ଅଯୋଗ୍ୟତା ଇତ୍ୟାଦି ତାଙ୍କୁ ହସ୍ତାନ୍ତର କରାଯାଇ ନଥିଲା । ତେଣୁ, ଆବେଦନକାରୀମାନଙ୍କୁ ସମିତିର ସଦସ୍ୟତାରୁ ହଟାଇବା ପାଇଁ ଅବକାରୀ ଅଧୀକ୍ଷକଙ୍କ ଅଧିକାରିତା ନଥିଲା । ଉକ୍ତ ଯୁକ୍ତିରେ ଆମେ କୌଣସି ସାମର୍ଥ୍ୟ ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ ସଦସ୍ୟମାନଙ୍କ ଅନ୍ତର୍ଭୁକ୍ତି ଅଧିନିୟମର ଧାରା 19ର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ । ସମିତିର ସଦସ୍ୟ ହେବା ପାଇଁ ଅଯୋଗ୍ୟତାକୁ ଧାରା 21 ନିର୍ଦ୍ଧାରଣ କରିଥାଏ । ଉପଧାରା (1) ରେ କୁହାଯାଇଛି ଯେ ଜଣେ ବ୍ୟକ୍ତି ଖଣ୍ଡ (a) ରୁ (e) ରେ ଗଣନା କରାଯାଇଥିବା ପରିସ୍ଥିତି ଅନୁଯାୟୀ ସଦସ୍ୟ ଭାବରେ ଭର୍ତ୍ତି ହେବେ ଏବଂ ସଦସ୍ୟ ହେବା ପାଇଁ ଅଯୋଗ୍ୟ ବିବେଚିତ ହେବେ । ଖଣ୍ଡ (aa) ମଧ୍ୟ 1988 ମସିହାରେ ପ୍ରବର୍ତ୍ତନ କରାଯାଇଥିଲା ଏବଂ ଏହିପରି ଅଯୋଗ୍ୟତା ପାଇଁ ଅନ୍ୟ ଏକ ଆଧାରକୁ ବିଦ୍ୟମାନ ଆଧାରଗୁଡ଼ିକରେ ସଂଲଗ୍ନ କରାଯାଇଥିଲା । ଉକ୍ତ ଖଣ୍ଡ (aa) ଅନୁଯାୟୀ, ଧାରା 19 ଅଧୀନରେ ସମିତିର ସଦସ୍ୟତା ପାଇଁ ଯୋଗ୍ୟ ନଥିବା ଜଣେ ବ୍ୟକ୍ତି ସମିତିର ସଦସ୍ୟ ଭାବରେ ଭର୍ତ୍ତି ହେବା ଏବଂ ସମିତିର ସଦସ୍ୟ ଭାବେ ରହିବା ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି । ଏହି ପରିସ୍ଥିତିଗୁଡ଼ିକରେ, ଧାରା 19 ଅନୁଯାୟୀ ସମିତିର ସଦସ୍ୟଙ୍କ ଅଣ-ପ୍ରବେଶର କ୍ଷମତା ଧାରା 21 ରେ ସନ୍ନିବେଶିତ ହେବା ପରେ ଏବଂ ନିୟମାବଳୀର ନିୟମ 20 ରେ ପରିକଳ୍ପିତ ସଦସ୍ୟତାରୁ ଅପସାରଣ ପାଇଁ ହସ୍ତାନ୍ତର କରାଯିବା ପରେ, ନିୟମ 20 ଅନୁଯାୟୀ ଅବକାରୀ ଅଧୀକ୍ଷକଙ୍କ କ୍ଷମତା ଅଛି ଯାହା ଧାରା 19 ଅନୁଯାୟୀ ସଦସ୍ୟତାରୁ ଅପସାରିତ ହେବାର ଅଯୋଗ୍ୟତା ବିଚାର କରିବାକୁ ତାଙ୍କୁ କ୍ଷମତା ପ୍ରଦାନ କରିଥାଏ । ଧାରା 19ର କ୍ଷମତା ଅବକାରୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିଲା । ଅନିବାର୍ଯ୍ୟ ପରିଣାମ ହେଉଛି ଯେ ଯଦି ସଦସ୍ୟ ଜଣେ ତାଡି ସଂଗ୍ରହକାରୀ ହେବା ବନ୍ଦ କରିଦିଅନ୍ତି, ସମିତିର ସଦସ୍ୟ ହେବା ପାଇଁ ପରବର୍ତ୍ତୀ ଅଯୋଗ୍ୟତା ମଧ୍ୟ ନିୟମ 20 ଅନୁଯାୟୀ ଅଯୋଗ୍ୟତା ଭାବରେ ଉପଲବ୍ଧ ହୁଏ । ନିୟମ 20 ଅନୁଯାୟୀ ବିଚାର କରାଯିବାକୁ

ଥିବା କାରଣଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ହେବ ।ଫଳସ୍ୱରୂପ, ଏହା ଆବଶ୍ୟକ ନୁହେଁ ଯେ ଅବକାରୀ ଅଧୀକ୍ଷକଙ୍କୁ ଧାରା 21 ଅନୁଯାୟୀ ରେଜିଷ୍ଟ୍ରାରଙ୍କ ଏକ ସ୍ୱଷ୍ଟ ପୃଥକ କ୍ଷମତା ପ୍ରଦାନ କରାଯିବା ଉଚିତ୍ । ତେଣୁ, ଆମେ ନିର୍ଣ୍ଣୟ କରୁଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତରେ କୌଣସି ଆଇନଗତ ତ୍ରୁଟି ନାହିଁ ଯାହାକି ହସ୍ତକ୍ଷେପର ଆବଶ୍ୟକ କରେ ।

ବିଶେଷ ଅନୁମତି ଆବେଦନ ଖାରଜ କରାଗଲା ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,<br>
ଅନୁବାଦିକା,<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ